# Akashvani, Sambalpur

## SAMBALPURI NEWS BULLETIN

### 25 October 2024- 6.47- 6.52 am.

*********************************************

ବାତ୍ୟା- 'ଦାନା'          ଆର୍‌ଏନ୍‌ୟୁ / ସମ୍ବଲପୁର

ସାମୁଦ୍ରିକ ଝଡ଼ ଦାନା ସ୍ଥଳଭାଗ ଅତିକ୍ରମ୍ କର୍‌ବାର୍‌ଟା ଶେଷ୍ ଖେପେ ପୁହୁଁଚିଛେ । ଭାରତୀୟ ପାଣିପାଗ୍ ବିଭାଗ୍‌ର ସୂଚ୍‌ନା ଅନ୍‌ସାରେ ସାମୁଦ୍ରିକ ଝଡ଼ ଦାନା ଭିତର୍‌କନିକା ହବାଲିଖଟି ପ୍ରାକୃତିକ ଶିବିର ଆର୍ ଧାମ୍‌ରା ଭିତ୍‌ରେ ଉତର୍ ଓଡ଼ିଶା ଉପକୂଳକେ ରାତି ଦେଢ଼୍ ବଜେନୁ ସାଢ଼େ ୩ ବଜେ ଭିତ୍‌ରେ ପାର୍ ହେଇକରି ଉତର୍ ଉତର୍ ପଶ୍ଚିମ୍ ଦିଗେ ଆଗ୍‌କେ ଯାଉଛେ । ଏଛେନ୍ 'ଦାନା'ର ପଶ୍ଚାତ୍ ଭାଗ ଭୂଇଁକେ ଛୁଇଁଛେ । ଇ ପ୍ରକ୍ରିୟା ପୁରା ହେବାର୍‌କେ ଆଉ ପାଖାପାଖି ଘଂଟେ ନୁ ୨ ଘଂଟା ଲାଗ୍‌ବା ବଲି ଭୁବ୍‌ନେଶ୍ୱର୍ ଆଂଚଳିକ୍ ପାଣିପାଗ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ କୁହାଯାଇଛେ । ସ୍ଥଳଭାଗ୍‌କେ ପାର୍ କର୍‌ବାର୍ ଉତ୍‌ରୁ 'ଦାନା' ଉତର୍ ଓଡ଼ିଶା ଦେଇକରି ପଶ୍ଚିମ - ଉତର୍ ପଶ୍ଚିମ୍ ଦିଗେ ଗତି କର୍‌ବା । ପଛେ ଧୀରେ ଧୀରେ ଦୁର୍ବଲ୍ ହେଇକରି ଭୀଷଣ୍ ବାତ୍ୟାଥି ବଦ୍‌ଲିବା । ଉପର୍‌ବେଲାତକ୍

ବାତ୍ୟା ଦାନା ଗଭୀର ଅବପାତରୁ ବଦଲିବାର୍ ସମ୍ଭାବନା ରହିଛେ ।

ଦାନାର ଭୂଇଁକେ ଛୁଇଁବାର୍ ସମିଆରୁ ଭିତର୍‌କନିକା ଆର୍ ଧାମ୍‌ରା ପାଖର୍ ସମୁଦ୍ର ନ ଗୁଟେ ମିଟର୍ ନୁ ଉଛା ଲହଡ଼ା ଆସିଥିଲା । ସେ ସମିଆରୁ ପବନ୍‌ର ବେଗ ଘଂଟାକ ଶହେ ନୁ ଶହେ ୧୦ କିଲୋମିଟର୍ ରହିଥିଲା । ଭିତର୍‌କନିକା ଇଲାକାକେ ଲହଡ଼ା ପଶିଯାଇଥିବାର୍ ଆମର୍ ସମ୍ବାଦଦାତା ସୂଚ୍‌ନା ଦେଇଛନ୍ ।

ହେଲେ ବାତ୍ୟା ପୁରା ଯିବାର୍‌ତକ୍ ସମୁଦ୍ରଖଁଡ଼ି ଇଲାକାମାନ୍‌କେ ବର୍ଷା ଆଉ ପବନ୍ ଜାରି ରହେବା ବଲି ପାଣିପାଗ୍ ବିଭାଗ୍ ସୂଚ୍‌ନା ଦେଇଛେ । ଆଏବା ୨୪ ଘଂଟା ଭିତ୍‌ରେ ୯ ଟା ଜିଲ୍ଲା ଅନୁଗୁଲ୍, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର୍, କଟକ୍, ଖୋର୍ଦ୍ଧା, ଯାଜ୍‌ପୁର୍, ଭଦ୍ରକ୍, ଢେଙ୍କାନାଲ୍, ପୁରୀ ଲାଗି ସତର୍କ ସୂଚ୍‌ନା ଜାରି କରାଯାଇଛେ ।

ସେଆଡ଼େ ବାତ୍ୟା ପ୍ରଭାବିତ୍ ଜିଲ୍ଲାମାନ୍‌କେ ପୁର୍ନରୁଦ୍ଧାର୍ କାମ୍ ମୁଲ୍ ହେଇଛେ । କେତେ ଜାଗା ନ ଗଛ୍ ଉପ୍‌ଡ଼ିଯାଇକରି ରାସ୍ତା ଜାମ୍ ହେଇଛେ । ଏନ୍‌ଡିଆର୍‌ଏଫ୍, ଓଡ୍ରାଫ୍, ଅଗ୍ନିଶମ ବାହିନୀ, ସମୁଦ୍ର ନ ମୁତୟନ୍ ହେଇଥିବା ନୌସେନାର ସ୍ୱତନ୍ତ୍ର ବୁଡ଼ାଲୀ ଉଦ୍ଧାର୍ ଆର୍ ରିଲିଫ୍ କାମ୍ ମୁଲ୍ କରିଛନ୍ । ଇନ ଜନେଇ ଦିଆଯାଇପାରେ ଯେ, ଗଲାକାଏଲ୍ ଅଧାରାତିତକ୍ ୫ ଲାଖ୍ ୮୪

ହଜାର୍ ୮ ଶହ ୮୮ ଝନ୍ ଲୁକ୍‌କୁ ସୁରକ୍ଷିତ୍ ଭାବେ ଆଶ୍ରୟସ୍ଥଲୀକେ ସ୍ଥାନାନ୍ତର୍ କରାଯାଇଛେ ।

ବାତ୍ୟା- ସାସ୍ଥ୍ୟ ବିଭାଗ୍ ତୟାରି ଆର୍‌ଏନ୍‌ୟୁ /ସମ୍ବଲପୁର

ବାତ୍ୟା ପରବର୍ତୀ ସ୍ୱାସ୍ଥ୍ୟ ସମସ୍ୟା ମୁକାବିଲା ଲାଗି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆଉ ଜିଲ୍ଲା ମୁଖ୍ୟ ହାସ୍‌ପାତାଲ୍ ନ ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ସ୍ୱତନ୍ତ୍ର ପ୍ରସ୍ତୁତି କରାଯାଇଛେ । ଆହତ୍‌ମାନ୍‌କର୍ ଲାଗି ସ୍ୱତନ୍ତ୍ର ୱାର୍ଡ୍ ବ୍ୟବସ୍ଥା କରାଯାଇଥିବାର୍ ବେଲେ ସେମାନ୍‌କୁ ସାଙ୍ଗେସାଙ୍ଗ୍ ହସ୍ପିଟାଲ୍ ଆନ୍‌ବାର୍‌କେ ସବୁ ବ୍ଲକ୍ ନ ଆମ୍ବୁଲେନ୍ସ ଆର୍ ସ୍ୱାସ୍ଥ୍ୟକର୍ମୀ ନିୟୋଜିତ ହେଇଛନ୍ । ୧୪ ଟା ଜିଲ୍ଲା ନ ସ୍ୱାସ୍ଥ୍ୟ ଜନିତ ସମସ୍ୟା ନେଇକରି ସେବା ଯୁଗାବାର୍ ଲାଗି ସ୍ୱତନ୍ତ୍ର ଭାବେ ୨୪ ଘଂଟିଆ କଂଟ୍ରୋଲ୍ ରୁମ୍ ଖୁଲାଯାଇଛେ । ଅତିରିକ୍ତ ଭାବେ କଟକ୍ ଏସ୍‌ସିବି ମେଡ଼ିକାଲ୍‌ନୁ ୧୮ ଝନ୍ ଡାକ୍ତର୍‌ଙ୍କୁ ବାତ୍ୟା ପ୍ରଭାବିତ୍ ଜିଲ୍ଲାମାନ୍‌କେ ପଠାଯାଇଛେ । ସେନ୍ତା ହସ୍ପିଟାଲ୍‌ମାନ୍‌କେ ୧୨ ଶହ ୩୯ ଟା ଜେନେରେଟର୍ ଆର୍ ଡିଜି ସେଟ୍ ମହଜୁଦ୍ ରଖାଯାଇଛେ । ୧୪ ଟା ଜିଲ୍ଲାକେ ୧ ଲାଖ୍ ୪ ହଜାର୍ ୬ ଶହ ୧୮ ସାଁପ୍ ଚବା ଇଞ୍ଜେକ୍‌ସନ୍ ରଖାଯାଇଛେ । ସେନ୍ତା ୧୧ ଶହ ୬୫ ଟା ଏମ୍ବୁଲେନ୍ସ, ପାଣି ଟେଙ୍କର୍‌ର ବ୍ୟବସ୍ଥା କରାଯାଇଛେ ।

## ସୁପ୍ରିମ୍‌କୋର୍ଟର ପରବର୍ତ୍ତୀ ପ୍ରଧାନ୍ ବିଚାର୍‌ପତି

ଆର୍‌ଏନ୍‌ୟୁ /ସମ୍ବଲପୁର

ସୁପ୍ରିମ୍‌କୋର୍ଟର ପରବର୍ତ୍ତୀ ପ୍ରଧାନ୍ ବିଚାର୍‌ପତି ଭାବେ ଜଷ୍ଟିସ୍ ସଞ୍ଜିବ୍ ଖାନ୍ନାଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନିଯୁକ୍ତ କରିଛନ୍ । ଆଏବା ମାସର୍ ୧୧ ତାରିଖ୍ ଦିନ ଜଷ୍ଟିସ୍ ଖାନ୍ନା ବିଧିବଦ୍ଧ ଭାବେ ସୁପ୍ରିମ୍‌କୋର୍ଟର ୫୧ ନମ୍ବର୍ ପ୍ରଧାନ୍ ବିଚାର୍‌ପତି ଭାବେ ଶପଥ୍ ନେବାର୍ କାର୍ଯ୍ୟକ୍ରମ୍ ରହିଛେ । ଇନ ଜନେଇ ଦିଆଯାଇପାରେ ଯେ, ପ୍ରଧାନ୍ ବିଚାର୍‌ପତି ଡି.ୱାଇ. ଚନ୍ଦ୍ରଚୂଡ଼୍‌ଙ୍କର୍ କାର୍ଯ୍ୟକାଳ ଆଏବା ମାସ ୧୦ ତାରିଖ୍ ଦିନ ଶେଷ୍ ହେଉଛେ । ଇତାର୍ ଆଘୋନୁ ପ୍ରଧାନ୍ ବିଚାର୍‌ପତିଙ୍କର୍ ସୁପାରିଶ୍‌ଥି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ - ଜଷ୍ଟିସ୍ ସଞ୍ଜିବ୍ ଖାନ୍ନାଙ୍କୁ ନିଯୁକ୍ତି ଦେଇଛନ୍ । ଜଷ୍ଟିସ୍ ସଞ୍ଜିବ୍ ଖାନ୍ନା ଏଛେନ୍ ସୁପ୍ରିମ୍‌କୋର୍ଟର ବରିଷ୍ଠ ବିଚାର୍‌ପତି ଭାବେ କାମ୍ କରୁଛନ୍ । ଆଏବା ୨୦୨୫ ମେ ୧୩ ତାରିଖ୍ ଦିନ ସେ ଅବସର ନେବେ ବଲି ସୂଚନା ମିଲିଛେ ।

## ମେଡ଼ିକାଲ୍ ନାଁଲେଖା କାଉନ୍‌ସେଲିଂ ପରିବର୍ତ୍ତନ

ଆର୍‌ଏନ୍‌ୟୁ /ସମ୍ବଲପୁର

ବାତ୍ୟା ଦାନାକେ ନଜର୍‌ଥି ରଖିକରି ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା- ଓଜେଇଇ ତର୍‌ଫୁ ମେଡ଼ିକାଲ୍ ନାଁଲେଖା କାଉନ୍‌ସେଲିଂଥି ପରିବର୍ତନ୍ କରାଯାଇଛେ । ଆଘୋନୁ ବାହାରିଥିବା କାର୍ଯ୍ୟସୂଚୀ ଅନ୍‌ସାରେ ଆଏଜ୍‌ଠାନୁ ଆଏବା ୨୬ ତାରିଖ୍ ଭିତ୍‌ରେ ସେ ବଂଟାଯାଇଥିବା କଲେଜ୍ ନ ରିପୋର୍ଟ କର୍‌ବାର୍‌କେ ଛାତ୍ରଛାତ୍ରୀ ମାନ୍‌କୁ କୁହାଯାଇଥିଲା । ହେଲେ ଏଛେନ୍ ଇତାକେ ଆଏବା ୩୦ ତାରିଖ୍‌ତକ୍ ବଢ଼ାଯାଇଛେ । ଇ ବାବ୍‌ଦେ ଓଜେଇଇ ତର୍‌ଫୁ ଗଲାକାଏଲ୍ ବିଜ୍ଞପ୍ତି ବାହାରିଛେ ।

ଏନ୍‌ଏସି ଅଧ୍ୟକ୍ଷ ଆର୍‌ଏନ୍‌ୟୁ / ସମ୍ବଲପୁର

ରାଜ୍ୟର୍ ଭବାନୀପାଟ୍‌ନା ମ୍ୟୁନିସିପାଲ୍‌ଟି ଆର୍ ନୀଳଗିରି ପୁରୁଷୋତମ୍‌ପୁର୍- ଜୁନାଗଡ଼୍ ବିଜ୍ଞପିତ ଅଂଚଳ ପରିଷଦ୍ ଏନ୍‌ଏସି ଅଧ୍ୟକ୍ଷଙ୍କୁ ପଦନୁ ହଟାବାର୍ ଲାଗି ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ଗଲାକାଏଲ୍ ବିଧିବଦ୍ଧ ଭାବେ ବିଜ୍ଞପ୍ତି ବାହାରିଛେ । ଇ ୪ ଟା ପୌରସଂସ୍ଥାର ନିର୍ବାଚିତ ଅଧ୍ୟକ୍ଷ କେତେଦିନ୍ ଆଘୋନୁ ଅନାସ୍ଥା ଭୋଟ୍‌ଥି ପରାଜିତ ହେଇଥିଲେ । ସେମାନେ ପରାଜିତ ହେଇଥିବା ଦିନୁ ପିଛିଲା ଭାବେ ପଦନୁ ହଟାଯାଇଥିବା ବିଜ୍ଞପ୍ତିଥି କୁହାଯାଇଛେ ।

ଏଲ୍‌ଟିଆର୍ ଶିକ୍ଷକ ନିଯୁକ୍ତ ଆର୍‌ଏନ୍‌ୟୁ / ସମ୍ବଲପୁର

ରାଏଜେ ହାଇସ୍କୁଲ୍‌ସ୍ତରଥି ୬ ହଜାର୍ ୨୫ ଲିଭ୍ ଟ୍ରେନିଂ ରିଜର୍ଭ - ଏଲ୍‌ଟିଆର୍ ଶିକ୍ଷକ ନିଯୁକ୍ତ ହେବେ । ଇ ବାବ୍‌ଦେ ବିଦ୍ୟାଲୟ ଆଉ ଗଣଶିକ୍ଷା ବିଭାଗ ତର୍‌ଫୁ ତୟାରି ମୁଲ୍ ହେଇଛେ । ଓଡ଼ିଶା ଷ୍ଟାଫ୍ ସିଲେକ୍ସନ୍ କମିଶନ୍ ତର୍‌ଫୁ ଇ ନିଯୁକ୍ତି ପ୍ରକ୍ରିୟା କରାଯିବା । ଇଥିର୍‌ଲାଗି ଗଲାକାଏଲ୍ ଓଏସ୍‌ଏସ୍‌ସି ତର୍‌ଫୁ ବିଜ୍ଞପ୍ତି ବାହାରିଛେ ।

ଓଡ଼ିଆ ଚଳଚ୍ଚିତ୍ର-ଆଇଏଫ୍‌ଏଫ୍‌ଆଇ ଇଣ୍ଡିଆନ୍ ପାନୋରାମା

ଆର୍‌ଏନ୍‌ୟୁ / ସମ୍ବଲପୁର

୫୫ ନମ୍ବର୍ ଇଂଟରନେସ୍‌ନାଲ୍ ଫିଲ୍ମ ଫେଷ୍ଟିଭାଲ୍ ଅଫ୍ ଇଣ୍ଡିଆ-ଆଇଏଫ୍‌ଏଫ୍‌ଆଇ ଇଣ୍ଡିଆନ୍ ପାନୋରାମା-୨୦୨୪ ଗଲାକାଏଲ୍ ଘୋଷ୍‌ନା ହେଇଛେ । ଇଥି ଅଣଫିଚର୍ ବର୍ଗଥି ପ୍ରଦର୍ଶନ୍ ଲାଗି ମନୋନୀତ ହେଇଥିବା ୨୦ ଟା ଫିଲ୍ମ ଭିତ୍‌ରେ ୧୩ ନମ୍ବର୍ ଜାଗାଥି ଓଡ଼ିଆ ଚଳଚ୍ଚିତ୍ର ‘ମୋ ବୋଉ- ମୋ ଗାଁ’ ରହିଛେ ।

ବର୍‌ଗଡ଼୍- ହାତୀ ଆର୍‌ଏନ୍‌ୟୁ / ସମ୍ବଲପୁର

ବର୍‌ଗଡ୍ ଜିଲ୍ଲା ପାଇକ୍‌ମାଲ୍ ବ୍ଲକ୍ ଅଧୀନ୍‌ଥି ଟେମ୍ରୀ ଇଲାକାକେ ହାତୀ ପଶି ଆସିଛନ୍ । ସେମାନେ ଫସଲ୍ ଆର୍ ପନିପରିବା ନୁକ୍‌ସାନ୍ କର୍‌ବାର୍ ସହେତେ ଜନବସତି ଆଡ଼େ ଯାଉଥିବାର୍ ଦେଖ୍‌ବାର୍‌କେ ମିଲିଛେ । ସେମାନ୍‌କର୍‌ନୁ ଦୂରେ ରହେବାର୍ ଲାଗି ଜଙ୍ଗଲ୍ ବିଭାଗ୍ ତର୍‌ଫୁ ଲୁକ୍‌କୁ ସଚେତନ୍ କରାଯାଉଛେ ।